# ସଂସ୍ଥାରେ 'ଏଚ୍ଆର୍'ଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

ଭୁବନେଶ୍ୱର,୭।୫(ଭୁ.ପ୍ର): ପରିବର୍ତ୍ତିତ ଦୁନିଆରେ ନୂତନ ମାନବସମ୍ବଳ ଧାରା ସହ ଜଡ଼ିତ ହେବାକୁ ପଡ଼ିବ। ଏହି ଉଦ୍ଦେଶ୍ୟ ହାସଲ ପାଇଁ ବିଭିନ୍ନ କ୍ଷେତ୍ରର ସଂଗଠନଗୁଡ଼ିକ କାର୍ଯ୍ୟକ୍ଷେତ୍ରରେ ଅନ୍ତର୍ଭୁକ୍ତିକରଣ ଉପରେ ଗୁରୁତ୍ୱ ଦେବା ଉଚିତ। ଡାଇଭର୍ସିଅସ୍ ଓ ପିଏନଭି ଫାଉଣ୍ଡେସନ ପକ୍ଷରୁ




ମିଳିତ ଭାବେ ଭୁବନେଶ୍ୱରରେ ଆୟୋଜିତ ଏଚ୍ଆର୍ କନକ୍ଲେଭ 'ଆଇକେଏଏଆଇ'ରେ ଯୋଗଦେଇଥିବା ବିଶେଷଜ୍ଞ ଓ ବକ୍ତାମାନେ ଏହି ଆହ୍ୱାନ ଦେଇଛନ୍ତି।

ଡାଇଭର୍ସିଅର ପ୍ରତିଷ୍ଠାତା ଅର୍ଚ୍ଚନା ମିଶ୍ର ସ୍ୱାଗତ ଭାଷଣ ଦେଇ କହିଥିଲେ, ଅନେକ ସଂସ୍ଥା ନିଯୁକ୍ତି ପାଇଁ ପ୍ରସ୍ତୁତ ଥିଲେ, କିନ୍ତୁ ଦକ୍ଷ ପ୍ରାର୍ଥୀମାନଙ୍କର ବହୁମୁଖୀ ଶୃଙ୍ଖଳାକୁ ସନ୍ଧାନ କରିବା କଷ୍ଟକର ଥିଲା। ଡାଇଭର୍ସିଅସ୍ ସୋସାଇଟି ଏହି ଅନ୍ତରକୁ ଦୂର କରିବା ପାଇଁ ପ୍ରାର୍ଥୀମାନଙ୍କୁ ମନୋନୟନ କରିବା ଆରମ୍ଭ କରିଥିଲା। ଏକ ତାଲିକାଭୁକ୍ତ କମ୍ପାନୀର ପ୍ରତ୍ୟେକ ବୋର୍ଡରେ ମହିଳା ନିର୍ଦ୍ଦେଶକଙ୍କ ପ୍ରତିନିଧିତ୍ୱ ରହିବା ଉଚିତ। ଗୋଟିଏ ସଂସ୍ଥାରେ ସଠିକ୍ ପ୍ରତିଭାଙ୍କୁ ନିଯୁକ୍ତି ଦେବା, ଦକ୍ଷତାର ବିକାଶ କରିବା ଆଦିରେ ଜଣେ ଏଚ୍ଆରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଏହି ସମ୍ମିଳନୀରେ ସମ୍ମାନନୀୟ ଅତିଥି ଭାବେ ଯୋଗଦେଇଥିବା ସମିଟ୍ ଡିଜିଟେଲ୍ ସିଏଚ୍ଆର୍ଓ ରେଣୁକା ଗୌଡ଼ କହିଥିଲେ ଆମକୁ ପ୍ରତିଭା କ୍ଷେତ୍ରରେ ବିବିଧତା ଆଣିବାକୁ ପଡ଼ିବ। ପ୍ରିଲ୍ୟୁଡର ନୋବେଲ୍ ଭେଞ୍ଚର୍ସର ପ୍ରତିଷ୍ଠାତା ଓ ନିର୍ଦ୍ଦେଶକ ସତ୍ୟବ୍ରତ ସାନୁରଥ କହିଥିଲେ ଏକ ଉତ୍ତମ ଭବିଷ୍ୟତ ନିର୍ମାଣ କରିବା ଲାଗି ବିଭିନ୍ନ ଦୃଷ୍ଟିକୋଣ, ବିଚାର ଓ ଅନୁଭୂତିଗୁଡ଼ିକୁ ଗ୍ରହଣ କରିବାକୁ ପଡ଼ିବ। କାରାଗାର ଡିଜି ଡ. ମନୋଜ ଛାବ୍ରା ସମ୍ମିଳନୀରେ ଏକ ସ୍ୱତନ୍ତ୍ର ଅଭିଭାଷଣ ଦେଇଥିଲେ।